## ସଂକ୍ଷେପରେ

### କବିସୂର୍ଯ୍ୟ ବଳଦେବଙ୍କ ଜୟନ୍ତୀ

କବିସୂର୍ଯ୍ୟନଗର,୨୭।୧(ଡି.ଏନ.ଏ.): ସ୍ଥାନୀୟ କବିସୂର୍ଯ୍ୟ ବଳଦେବ ବିଜ୍ଞାନ ମହାବିଦ୍ୟାଳୟ ପ୍ରକୋଷ୍ଠରେ କଲେଜ ପରିଚାଳନା କମିଟି ସଭାପତି ତଥା ମୁଖ୍ୟ ଅତିଥି ସୁରେନ୍ଦ୍ର ନାଥ ନାୟକ କବିସୂର୍ଯ୍ୟ ବଳଦେବ ଜୟନ୍ତୀ ସମାରୋହ ଉଦଘାଟନ କରିଛନ୍ତି। ଓଡ଼ିଆ ପ୍ରାଧାପକ ଜୟକୃଷ୍ଣ ଗୌଡ଼, କଲେଜ ଅଧକ୍ଷ ପ୍ରଫୁଲ୍ଲ କୁମାର ସାହୁ, ଖବରଦାତା ଏନ. ବିଷୋୟୀ ଯୋଗଦେଇ ବଳଦେବଙ୍କ ଜୀବନୀ, ସାହିତ୍ୟ କୃତୀ ଓ ସାଧନା ଉପରେ ମନ୍ତବ୍ୟ ରଖିଥିଲେ। ସମାରୋହକୁ ସଂଯୋଜନା କରିଥିଲେ ଅଧାପକ ଡଃ. ତନୁଜ କୁମାର ବିଷୋୟୀ। ସେହିପରି କବିସୂର୍ଯ୍ୟ ପ୍ରତିଭା ପରିଷଦ ପକ୍ଷରୁ ସବରେଜିଷ୍ଟର ପରିସରରେ କବିସୂର୍ଯ୍ୟ ବଳଦେବ ଜୟନ୍ତୀ ସମାରୋହ ଉଦ୍ୟୋକ୍ତା ବିପିନ ବିହାରୀ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ଇଂ. ଦିଲ୍ଲୀପ କୁମାର ଖଣ୍ଡୁଆଳ, ମୁଖ୍ୟବକ୍ତା ଭାବେ ଅଧାପକ ଲୋକନାଥ ନାୟକ, ଅତିଥି ଅମୁଲ୍ୟ ଦାସ, ମହେଶ୍ୱର ନାହାକ, ସମ୍ପାଦକ ରାମନାଥ ମାଝୀ, ପରିଷଦ ସଭାପତି ବି. ଚିରଞ୍ଜିବୀ ପାତ୍ର, କବି ଶ୍ରୀନିବାସ ପଣ୍ଡା ପ୍ରମୁଖ ବଳଦେବଙ୍କ ସାରସ୍ୱତ ଜୀବନୀ ଉପରେ ସାରଗର୍ଭକ ବିବରଣୀ ଦେଇଥିଲେ।

### ଜିଲା ମହୋତ୍ସବରେ ଆଇନ ସଚେତନତା

ଫୁଲବାଣୀ ଅଫିସ, ୨୭।୧: କନ୍ଧମାଳ ମହୋତ୍ସବ ଅବସରରେ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଏକ ବିଶେଷ ଷ୍ଟଲ୍ କରାଯାଇଛି। ଏହା ମାଧମରେ ସାଧାରଣ ଜନତାଙ୍କୁ ଆଇନ ସଚେତନତା ଉପରେ ପ୍ରୟାସ ଜାରି ରହିଛି। ଜିଲା ଜଜ୍ ସତ୍ୟପୀର ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ମହୋତ୍ସବର ଦ୍ୱିତୀୟ ଦିବସରେ ଆଇନସେବା ପ୍ରାଧିକରଣ ତରଫରୁ ସଚେତନତା ଧର୍ମୀ ନାଟକ 'ଆମେ କଣ୍ଢେଇ ନୋହୁଁ' ପରିବେଷିତ ହୋଇଥିଲା। ବରିଷ୍ଠ ଆଇନଜୀବୀ ବିଜୟ ପଟ୍ଟନାୟକଙ୍କ ଦ୍ୱାରା ରଚିତ ଓ ନିର୍ଦ୍ଦେଶିତ ଏହି ନାଟକ ଶିଶୁ ଶ୍ରମିକ, ମହିଳାଙ୍କ ଉପରେ ଏସିଡ୍ ଆକ୍ରମଣ, ଅନ୍ଧବିଶ୍ୱାସ ଆଦି ବିରୋଧୀ ବିଷୟ ଆଧାରିତ ଥିଲା, ଯାହା ଉପସ୍ଥିତ ଦର୍ଶକଙ୍କ ବେଶ୍ ଆଦର ଲାଭ କରିଥିଲା। ନାଟକରେ ବୈଦ୍ୟନାଥ ଖଟୁଆ, ଅଶୋକ ପ୍ରଧାନ, ପ୍ରଭାସ ନାୟକ, ସୌମ୍ୟ ମିଶ୍ର, ଚନ୍ଦନ ନାୟକ, ସୁରେନ୍ଦ୍ର ପତ୍ରା, ଅପର୍ଣ୍ଣା ବେହେରା, ସସ୍ମିତା ପ୍ରଧାନ, ପ୍ରଜ୍ଞା ମହାରଣା, ସୁପ୍ରଭା ନାୟକ, ରାଜଲକ୍ଷ୍ମୀ ମହାକୁଡ଼, ଅମିତା ପ୍ରଧାନ ବଳିଷ୍ଠ ଅଭିନୟ କରିଥିଲେ। ବିନୋଦ ସାହୁ ସଙ୍ଗୀତ ପରିବେଷଣ କରିଥିଲେ। ଫୁଲବାଣୀର ସମସ୍ତ ବିଚାର ବିଭାଗୀୟ ଅଧିକାରୀ, ଆଇନସେବା ପ୍ରାଧିକରଣ ସଚିବ ଅନୁଶୀଳା ରୟଙ୍କ ସମେତ ଆଇନଜୀବୀ ସଂଘ ସଭାପତି ଓ ଅନ୍ୟ କର୍ମଚାରୀ ଏହାର ପରିଚାଳନାରେ ସହଯୋଗ କରିଥିଲେ।

### ଚାଷୀ ସମସ୍ୟା ନେଇ ଦାବିପତ୍ର ପ୍ରଦାନ

ଆସିକା,୨୭।୧(ଡି.ଏନ.ଏ.): ଆସିକା ବ୍ଲକର ବିଭିନ୍ନ ମଣ୍ଡିରେ ଚାଷୀ ଧାନ ଦେଲା ବେଳେ ବହୁ ସମସ୍ୟାର ସମ୍ମୁଖୀନ ହେଉଥିବା ଆସିକା ବିଧାନସଭା ନିର୍ବାଚନ ମଣ୍ଡଳି ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି । ଶୁକ୍ରବାର ଏ ସମ୍ପର୍କରେ ଏକ ଦାବିପତ୍ର ଆସିକା ବିଡିଓଙ୍କ ଜରିଆରେ ଗଞ୍ଜାମ ଜିଲାପାଳଙ୍କୁ ଦିଆଯାଇଛି। ସମସ୍ୟାର ସମାଧାନ ନ ହେଲେ ଚାଷିଙ୍କୁ ନେଇ ଦଳ ପକ୍ଷରୁ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଚାଷିର ଉତ୍ପାଦିତ ଧାନକୁ ସର୍ବନିମ୍ନ ସହାୟକ ମୂଲ୍ୟ ୨ହଜାର ୪୦ ଟଙ୍କାରେ ବିକ୍ରି କରିବା ବଦଳେ କମ ଦରରେ କୁଇଣ୍ଟାଲ ପ୍ରତି ୧୪ଶହ ଟଙ୍କାରେ ମିଲ ମାଲିକ ଓ ଦଲାଲଙ୍କ ଦ୍ୱାରା ସଂଗ୍ରହ କରାଯାଉଛି । ବିଭିନ୍ନ ସୋସାଇଟିର ସମ୍ପାଦକମାନଙ୍କ ଦ୍ୱାରା ବେନାମୀ ଭାଗଚାଷିମାନଙ୍କ ନାମରେ ଜମା କରାଯାଇ ଚାଷିର ଅର୍ଥକୁ ହରିଲୁଟ କରାଯାଉଛି । କୁଇଣ୍ଟାଲ ପିଛା ୫ କେଜି କଟନୀ ଛଟନୀ ବାବଦରେ ମଧ କଟାଯାଉଛି । ଆସିକା ବ୍ଲକରେ ୩ଲକ୍ଷ ୧୫ହଜାର କୁଇଣ୍ଟାଲ ଧାନ ଅମଳ ହୋଇଥିଲା ବେଳେ ମାତ୍ର ୧ଲକ୍ଷ ୯୨ହଜାର କୁଇଣ୍ଟାଲ ଧାନ ଉଠାଇବା ଲାଗି ଟୋକେନ ଆସିଛି । ଏଣୁ ବଳକା ଧାନ ତୁରନ୍ତ ଉଠାଇବା ପାଇଁ ସରକାର ବିହିତ ପଦକ୍ଷେପ ନେବା ଲାଗି ଦାବି କରାଯାଇଛି। ଶ୍ରୀନିବାସ ଭଞ୍ଜଙ୍କ ନେତୃତ୍ୱରେ ଦୁର୍ଗାଚରଣ ଖଣ୍ଡୁଆଳ, ସୁଶାନ୍ତ କୁମାର ରାଉତ, ରାଘବ ସିଅ, ସରୋଜ କୁମାର ଭଞ୍ଜ ପ୍ରମୁଖ ଏହି ଦାବିପତ୍ର ଦେଇଥିଲେ।

# 'ଓଡ଼ିଆ ଭାଷାକୁ କନ୍ଧମାଳର ଅବଦାନ ଅତୁଳନୀୟ'

**ଜିଲା ମହୋତ୍ସବର ତୃତୀୟ ସନ୍ଧ୍ୟା**

ଫୁଲବାଣୀ ଅଫିସ, ୨୭।୧

କନ୍ଧମାଳ ଜିଲାର ପ୍ରାକୃତିକ ସୌନ୍ଦର୍ଯ୍ୟ ସମସ୍ତଙ୍କୁବିମୋହିତ କରିଛି। ଆଦିବାସୀଙ୍କ ନିଷ୍ପାପ ପ୍ରେମ ସମସ୍ତଙ୍କୁ ଋଣୀ କରିଛି। ସରଳ ଆଦିବାସୀଙ୍କ ଦେଶପ୍ରେମ ବିଷୟରେ ସମସ୍ତେ ଜାଣନ୍ତିନାହିଁ । ଜୀବନକୁ ଉତ୍ସର୍ଗ କରି ଏହି ମାଟିର କେତେ ବୀର ପୁରୁଷ ଦେଶ ସ୍ୱାଧୀନ ପାଇଁ ବଳି ପଡିଛନ୍ତି। କେବଳ ଏତିକି ନୁହେଁ, ଓଡିଆ ଭାଷାକୁ କନ୍ଧମାଳର ଅବଦାନ ଅତୁଳନୀୟ ବୋଲି ଜିଲା ମହୋତ୍ସବର ତୃତୀୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ବିକାଶ ପରିଷଦ ଉପଦେଷ୍ଟା ପ୍ରଦୀପ ମାଝି ପ୍ରକାଶ କରଛନ୍ତି। ସେହିପରି ସମ୍ମାନିତ ଅତିଥି ଭାବେ ଗଜପତି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷା ମାରିୟମ ରାଇତୋ, ନବରଙ୍ଗପୁର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଉପେନ୍ଦ୍ର ଗଣ୍ଡ, କନ୍ଧମାଳ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ରୋଦନ ମଲ୍ଲିକ ପ୍ରମୁଖ ଯୋଗଦେଇ କହିଥିଲେ ଆଦିବାସୀ ସଂସ୍କୃତି, ପରମ୍ପରା ଉଦ୍‌ଜୀବୀତ ରଖିବା, ଏହି ଜାତିକୁ ଆଗେଇ ନେବା ପାଇଁ ରାଜ୍ୟ ସରକାର ବହୁ ପଦକ୍ଷେପ ନେଇଛନ୍ତି। ସେଥିମଧରୁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅନ୍ୟତମ । ଆଗକୁ ଆଦିବାସୀଙ୍କ ଉନ୍ନତି ପାଇଁ ବହୁ କାର୍ଯ୍ୟ କରାଯିବ ବୋଲି ସେ ପ୍ରକାଶ କରଛନ୍ତି। ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ନରେଶ ଚନ୍ଦ୍ର ଶବର ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ ଆସାମ ବିହୁ ନୃତ୍ୟ, ପଶ୍ଚିମବଙ୍ଗ ପିରୁଲିୟା ଛଉ, ବୌଦ୍ଧର ମହୁଲ ବେଟା ନୃତ୍ୟ, ନୟାଗଡ ପଶୁ ନୃତ୍ୟ, କଳାହାଣ୍ଡି ଘୁମୁରା, ବାଲେଶ୍ୱର ଚଢ଼େୟା-ଚଢ଼େୟାଣୀ, ରାୟଗଡା ଢ଼େମସା, ମାଲକାନଗିରି ଦୁରୁଆ ସମେତ ଜିଲାର ବିଭିନ୍ନ ବ୍ଲକର ଲୋକ ନୃତ୍ୟ ଏବଂ ସଂଗୀତ ବିଚିତ୍ରା ପରିବେଷଣ କରାଯାଇଥିଲା । ସମ୍ବଲପୁର ମା' ଆଦିଶକ୍ତି ଗ୍ରୁପ ଅର୍ଚ୍ଚନା ପାଢ଼ୀଙ୍କ ସଂଗୀତ ଯାଦୁରେ ଦର୍ଶକ ଝୁମିଥିଲେ ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

# ବ୍ଲକସ୍ତରୀୟ ମୋ ଗେହ୍ଲାଝିଅ କାର୍ଯ୍ୟକ୍ରମ

ଦିଗପହଣ୍ଡି,୨୭।୧(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ସମ୍ମିଳନୀ କକ୍ଷରେ ଶୁକ୍ରବାର ବ୍ଲକ ସ୍ତରୀୟ ଜାତୀୟ ଶିଶୁକନ୍ୟା ଦିବସ ଏବଂ ମୋ ଗେହ୍ଲାଝିଅ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଙ୍ଗନୱାଡ଼ି ସୁପ୍ରଭାଇଜର ଭାଗ୍ୟଲତା ପାତ୍ରଙ୍କ ସଂଯୋଜନା ଏବଂ ସିଡିପିଓ ପୁଷ୍ପାଞ୍ଜଳି ଶତପଥୀଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଦିଗପହଣ୍ଡି ବ୍ଲକ ଅଧକ୍ଷା ସୁନିତା କୁମାରୀ ସେଠୀ, ବିଡିଓ ହଳଧର ଶବର, ଆଇନଜୀବୀ ହରପ୍ରସାଦ ରଥ, ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ବେହେରା, ଜିଲା ତାଲିମଦାତା ଅମୀୟ କୁମାର ତ୍ରିପାଠୀ, ଶିଶୁ ସୁରକ୍ଷା ୟୁନିଟର ଶିବପ୍ରସାଦ ରଥ, ସୁଦାମ ପାଣିଗ୍ରାହୀ, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ରସାନନ୍ଦ ଘଡେଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବାଲ୍ୟବିବାହ ନିରୋଧ, ଗର୍ଭସ୍ଥ ଶିଶୁର ଲିଙ୍ଗ ନିରୂପଣ ନିଷେଧ, ଲିଙ୍ଗଗତ ସମାନତା ଉପରେ ସଚେତନ କରାଯିବା ସହ ଶିଶୁକନ୍ୟା ମାନଙ୍କ ସୁରକ୍ଷା ଓ ଯତ୍ନ ଦିଗରେ ରହିଥିବା ବିଭିନ୍ନ ଆଇନ ଏବଂ ସରକାରୀ ଯୋଜନା ଉପରେ ଅତିଥି ବୃନ୍ଦ ଆଲୋକପାତ କରିଥିଲେ। ଏହି ଅବସରରେ ଗେହ୍ଲାଝିଅଙ୍କ ମା' ମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ କିଶୋରୀ ବାଳିକା ମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଜିଲା ପ୍ରଶାସନ ପକ୍ଷରୁ ପହଞ୍ଚିଥିବା ସଚେତନତା ରଥକୁ ସ୍ୱାଗତ କରାଯାଇଥିବା ବେଳେ ସମସ୍ତ ଅଙ୍ଗନୱାଡ଼ି ସୁପ୍ରଭାଇଜର ଏବଂ ଅଙ୍ଗନବାଡି କର୍ମୀ ପି. ବିଜୟଲକ୍ଷ୍ମୀ, ଗାୟତ୍ରୀ ପାତ୍ର, ରୋଜି ପ୍ରଧାନ, ସୁନିତା ପ୍ରଧାନ, ସ୍ନେହଲତା ଆଚାରୀଙ୍କ ସମେତ ସମସ୍ତ କର୍ମୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବାଲୁକାକଳା ପ୍ରଦର୍ଶନ


ବାଲୁକାରେ ନିର୍ମିତ ସରସ୍ୱତୀଙ୍କ ପ୍ରତିମୂର୍ତ୍ତି।

ଗଞ୍ଜାମ,୨୭।୧(ଡି.ଏନ.ଏ.)

ସାଧାରଣତନ୍ତ୍ର ଦିବସ ଓ ସରସ୍ୱତୀ ପୂଜା ଗୋଟିଏ ଦିନରେ ରହିଥିବାରୁ ଗଞ୍ଜାମ ବ୍ଲକ ଅନ୍ତର୍ଗତ ବଟେଶ୍ୱର ସମୁଦ୍ର ବେଳାଭୂମିରେ ବାଲୁକା କଳା ପ୍ରଦର୍ଶନ କରାଯାଇଛି। ସ୍ଥାନୀୟ କଣ୍ଟିଆଗଡ଼ ଗ୍ରାମର ଯୁବ ଉଦୀୟମାନ ବାଲୁକା ଶିଳ୍ପୀ ସଚ୍ଚିଦାନନ୍ଦ ପ୍ରଧାନ ବେଳାଭୂମିରେ ପୃଥକ ପୃଥକ ଭାବେ ଦୁଇଟି ବାଲୁକା କଳା ପ୍ରଦର୍ଶନ କରିଛନ୍ତି। ଗୋଟିଏ ସ୍ଥାନରେ ବାଲୁକା ରାଶିରେ ଦିଲ୍ଲୀର ଇଣ୍ଡିଆ ଗେଟ, ମୁମ୍ବାଇର ଇଣ୍ଡିଆ ଗେଟ ଓ ଲାଲକିଲା ନିର୍ମିତ କରିବା ସହ ମେରା ଭାରତ ମହାନ ଉଲ୍ଲେଖ କରି ପର୍ଯ୍ୟଟକମାନଙ୍କୁ ଜାତୀୟତା ଭାବନାରେ ନିମଜ୍ଜିତ କରିଥିବା ବେଳେ ଅନ୍ୟ ଏକ ବାଲୁକା କଳାରେ ବିଦ୍ୟାଦେବୀ ସରସ୍ୱତୀଙ୍କ କଳା ପ୍ରଦର୍ଶନ କରି ଭକ୍ତି ଭାବନା ଉଦ୍ରେକ କରିପାରିଛନ୍ତି। ଫଳରେ ବେଳାଭୂମିକୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରୁଥିବା ଦେଖିବାକୁ ମିଳିଛି।

# ଉଦ୍ଭିଦ ବିଜ୍ଞାନ ବିଭାଗର ନୂତନ ପ୍ରୟୋଗଶାଳା ଉଦ୍‌ଘାଟିତ



ଉଦଘାଟନ କରୁଛନ୍ତି ମନ୍ତ୍ରୀ।

ବୁଗୁଡା,୨୭।୧(ଡି.ଏନ.ଏ.)

ସ୍ଥାନୀୟ ପିପୁଲ୍ଲି କଲେଜର ଉଦ୍ଭିଦ ବିଜ୍ଞାନ ବିଭାଗୀୟ ପ୍ରୟୋଗଶାଳା ଓ ଉଦ୍ୟାନ ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏଥିରେ କଲେଜ ଅଧକ୍ଷ ରଜନୀ କାନ୍ତ ଦାଶ, ବିଭାଗୀୟ ମୁଖ୍ୟ ଜୟରାମ ବିଷୋୟୀ, ଅଧାପକ ଦିଲ୍ଲୀପ କୁମାର ସାହୁ ଓ ଅଧାପିକା ଅନୀତା ଦେବୀଙ୍କ ସମେତ ବୁଗୁଡ଼ା ବ୍ଲକ ଉପାଧକ୍ଷ ମାନସ ରଞ୍ଜନ ପ୍ରଧାନ, ଏନ୍‌ଏସି ଅଧକ୍ଷ ଚିତ୍ରସେନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶଯୋଗ୍ୟ ଯେ, ଉଦ୍ଭିଦ ବିଜ୍ଞାନ ବିଭାଗୀୟ ଛାତ୍ରୀଛାତ୍ରଙ୍କ ଆବଶ୍ୟକତାକୁ ଭିତ୍ତିକରି ଉଦ୍‌ଘାଟିତ ନୂତନ ପ୍ରୟୋଗଶାଳା ନିର୍ମିତ ହୋଇଥିବା ବେଳେ କଲେଜ କର୍ତ୍ତୃପକ୍ଷଙ୍କ ଅବହେଳାରୁ ବର୍ଷ ବର୍ଷ ଧରି ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଥିବା ଉଦ୍ଭିଦ ବିଜ୍ଞାନ ଉଦ୍ୟାନର ପୁନରୁଦ୍ଧାର କରାଯାଇଥିବାରୁ ଛାତ୍ରୀଛାତ୍ରଙ୍କ ମଧରେ ଉତ୍ସାହ ପରିଲକ୍ଷିତ ହୋଇଛି।

### ରାଧାକୃଷ୍ଣ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ପୋଲସରା,୨୭।୧(ଡି.ଏନ.ଏ.)- ପୋଲସରା ବ୍ଲକଅଧୀନ କେନ୍ଦୁବାଡିଗ୍ରାମସ୍ଥିତ ରାଧାକୃଷ୍ଣ ନୋଡ଼ାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିପିନ ବିହାରୀ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟଅତିଥି ଭାବେ ବାଲିପଦର ସ୍ଥିତ ଆଞ୍ଚଳିକ ବିଜ୍ଞାନ ମହାବିଦ୍ୟାଳୟର ଅଧକ୍ଷ ବି ପ୍ରକାଶ ଚନ୍ଦ୍ର ପାତ୍ର ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଶିକ୍ଷାର ମହତ ଉଦ୍ଦେଶ୍ୟ ଉପରେ ନିଜର ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ୩୮ନମ୍ବର ଯୋନ ଜିଲା ପରିଷଦ ସଭ୍ୟ ଅଶୋକ କୁମାର ବିଷୋୟୀ, ସ୍ଥାନୀୟ ସରପଞ୍ଚ ରମା ସ୍ୱାଇଁ, ପୂର୍ବତନ ସରପଞ୍ଚ ବିଜୟ କୁମାର ସ୍ୱାଇଁ, ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ନନ୍ଦକିଶୋର ଗୌଡ଼ ପ୍ରମୁଖ ମଞ୍ଚାସୀନଥିଲେ। ଉକ୍ତ କାର୍ଯ୍ୟକ୍ରମରେ କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏଥିରେ ସମ୍ପୃକ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ।

# ଶ୍ରୀରାମ ତାରକ ମହାଯଜ୍ଞ ଶୁଭାରମ୍ଭ


କଳସ ଶୋଭାଯାତ୍ରାରେ ସାମିଲ ଶ୍ରଦ୍ଧାଳୁ ବୃନ୍ଦ।

ଦିଗପହଣ୍ଡି,୨୭।୧(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ଚଷା ନିମଖଣ୍ଡି ଗ୍ରାମପଞ୍ଚାୟତ ବଡ଼ପଦା ଗ୍ରାମ ସ୍ଥିତ ପ୍ରସିଦ୍ଧ ଉଦୟ ନାଥେଶ୍ୱର ଶୈବପୀଠରେ ବିଶ୍ୱଶାନ୍ତି ଶ୍ରୀରାମ ତାରକ ମହାଯଜ୍ଞ ମାଘମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥି ଗୁରୁବାର ଶୁଭାରମ୍ଭ ହୋଇଛି। ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ଏହି ମହାଯଜ୍ଞ ଅନୁଷ୍ଠିତ ହେବ। ଗୁରୁବାର ଦୀକ୍ଷା ଗ୍ରହଣ, ଅଙ୍କୁରାରୋପଣ ସହିତ ଗଞ୍ଜାମ ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଭକ୍ତ ପ୍ରସିଦ୍ଧ ରାମନଦୀର ସୀତା ଘାଟରୁ ପବିତ୍ର ଜଳଘଟ ଗ୍ରହଣ କରି ମହାଯଜ୍ଞସ୍ଥଳରେ ପହଞ୍ଚିଥିଲେ। ସେଠାରେ ପୂଜାର୍ଚ୍ଚନା ପରେ ମହାଯଜ୍ଞ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହୋଇଥିଲା। ମହାଯଜ୍ଞ ପରିଚାଳନା କମିଟିର ସମସ୍ତ କାର୍ଯ୍ୟକର୍ତ୍ତା, ସଦସ୍ୟ ବୃନ୍ଦ ତଥା ଗଞ୍ଜାମ - ଗଜପତି ଜିଲାର ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟକ ଭକ୍ତ ତଥା ଧର୍ମପରାୟଣ ବ୍ୟକ୍ତି ଏହି ମହାଯଜ୍ଞ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ।

# ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ, ଦିଗପହଣ୍ଡି ଚାମ୍ପିୟନ

ପାତ୍ରପୁର,୨୭।୧(ଡି.ଏନ.ଏ)

ପାତ୍ରପୁର ବ୍ଲକ ପାତ୍ରପୁରଠାରେ ୧୩ ତମ ମାଁ କୁଠାରିଶ୍ୱରୀ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସମ୍ବିତ ବେଗରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସୋରଡା ନିର୍ବାଚନମଣ୍ଡଳୀ ଭାଜପାର ନୀଳମଣି ବିଷୋୟୀ, ପାତ୍ରପୁର ବ୍ଲକ ଅଧକ୍ଷା ୱାଇ. ସଂଯୁକ୍ତା, ଉପାଧକ୍ଷ ଅନାଦି ଚରଣ ପଣ୍ଡିତ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋରଞ୍ଜନ ଦ୍ୟାନସାମନ୍ତରା, ପାତ୍ରପୁର ସରପଞ୍ଚ ସଦାନନ୍ଦ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଟୁର୍ନାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଗତ ୧୬ରୁ ଏହି ଟୁର୍ନାମେଣ୍ଟ ଆରମ୍ଭ ହୋଇଥିଲା। ଫାଇନାଲ ମ୍ୟାଚ ବିଜେପୁର (ରାମଗିରି) ସହିତ ଦିଗପହଣ୍ଡି ମଧରେ ଅନୁଷ୍ଠିତ ହୋଇଥିଲା। ମୋଟ ଫାଇନାଲ ମ୍ୟାଚରେ ପାଞ୍ଚ ସେଟ ଖେଳ ହୋଇଥିବା ବେଳେ ୧ମ,୩ୟ,୫ମ ସେଟ ଦିଗପହଣ୍ଡି ବିଜୟୀ ହୋଇଥିଲା। ଚାମ୍ପିୟନ ଦିଗପହଣ୍ଡି ଦଳକୁ ଟ୍ରଫି ସହ ୩୧ ହଜାର ଟଙ୍କା ପ୍ରଦାନ କରାଯାଇଥିବା ବେଳେ ବିଜେପୁର (ରାମଗିରି) ଦଳକୁ ଟ୍ରଫି ସହ ୨୧ହଜାର ଟଙ୍କା ପ୍ରଦାନ କରାଯାଇଛି। ଖେଳକୁ ପାତ୍ରପୁର ଗ୍ରାମର ଯୁବ ଗୋଷ୍ଠୀ ସହଯୋଗ କରିଥିଲେ।

### ଜାତୀୟ ମତଦାତା ଦିବସରେ ଶପଥ ପାଠ

ଆର.ଉଦୟଗିରି,୨୭।୧(ଡି.ଏନ.ଏ.)- ଆର.ଉଦୟଗିରି ବ୍ଲକ କାର୍ଯ୍ୟାଳୟ ପରିସରରେ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି। ବିଡିଓ ଲଚିମନ ଖର୍ସେଲଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ସରକାରୀ ପଦାଧିକାରୀ, ଶିକ୍ଷାବିତ, ଭୋଟର, ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ର ଯୋଗ ଦେଇ ମତଦାନ ନାହିଁବିକଳ୍ପ, ଭୋଟ ମୁଁନିଶ୍ଚୟ ଦେବି କଲି ସଂକଳ୍ପ' ବୋଲି ଶପଥ ନେଇଥିଲେ।

# ଭଞ୍ଜ ଜୟନ୍ତୀରେ ଭଞ୍ଜ ସାହିତ୍ୟ ପରିଷଦ କର୍ମକର୍ତ୍ତା ନାହାନ୍ତି

ଭଞ୍ଜନଗର,୨୭।୧(ଡି.ଏନ.ଏ)

ଭଞ୍ଜ ଜୟନ୍ତୀ ଉତ୍ସବ ଗୁରୁବାର ପାଳିତ ହୋଇଛି। ପ୍ରଧାନ ଶିକ୍ଷକ ଡ଼.ସୁରେଶ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଏନଏସି ଅଧକ୍ଷ ଗୋପବନ୍ଧୁ ମହାପାତ୍ର ଉଦ୍‌ଘାଟକ ଭାବେ ଯୋଗଦେଇ ଭଞ୍ଜ ସାହିତ୍ୟର ବିକାଶ ପାଇଁ ଯାହାକିଛି ସହଯୋଗ ଲୋଡ଼ା ଯୋଗାଇ ଦେବି ବୋଲି ପ୍ରତିଶୃତି ଦେଇଥିଲେ। ଅନ୍ୟମାନଙ୍କ ମଧରେ ଅବସରପ୍ରାପ୍ତ କଲେଜ ଅଧକ୍ଷ ଡ଼.କମ୍ବୁପାଣି ସାମନ୍ତ, ଭଞ୍ଜପ୍ରବକ୍ତା କୃଷ୍ଣ କେଶବ ଷଡ଼ଙ୍ଗୀ, ପ୍ରଫେସର ଡ଼.ବାବାଜୀ ଚରଣ ପଟ୍ଟନାୟକ ମୁଖ୍ୟ ଅତିଥି ଏବଂ ନାରାୟଣ ପଣ୍ଡା ସମ୍ବର୍ଦ୍ଧିତ ବ୍ୟକ୍ତି ଭାବେ ଯୋଗଦେଇଥିଲେ। ଲୋକନାଥ କର ସମ୍ବର୍ଦ୍ଧନା ସଭା ଏବଂ ଉପେନ୍ଦ୍ର ଶତପଥି, ଗୁନା ଜେନା, ସୀମାଞ୍ଚଳ ପଟ୍ଟନାୟକ, ବିଶ୍ୱମ୍ଭର ଜେନା ପୁରସ୍କାର ବିତରଣୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଅଧାପକ ଅଶୋକ ସ୍ୱାଇଁ, ଜୋସ୍ନା ଦେବୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଆଲୋକନାଥ କର ବେଦ ପାଠ କରିଥିଲେ। ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଉପେନ୍ଦ୍ର ଭଞ୍ଜ ହାଇସ୍କୁଲ ଶିକ୍ଷକ ଶ୍ୟାମା ପ୍ରସାଦ ମିଶ୍ର ଧନ୍ୟବାଦ ଦେଇଥିଲେ । ତେବେ ୭୬ବର୍ଷ ହେବ ଭଞ୍ଜ ଜୟନ୍ତୀ ଉତ୍ସବ ପାଳିତ ହୋଇଆସୁଥିବା ବେଳେ ଚଳିତ ବର୍ଷ ୭୭ତମ ଉତ୍ସବରେ ଭଞ୍ଜ ସାହିତ୍ୟ ପରିଷଦର କୌଣସି ସଦସ୍ୟଙ୍କୁ ମଞ୍ଚରେ ଦେଖିବାକୁ ମିଳିନଥିଲା। ଆଗରୁ ଭଞ୍ଜ ଜୟନ୍ତୀ ଉତ୍ସବ ସପ୍ତାହ ବ୍ୟାପୀ ପାଳନ ହେଉଥିଲା ବେଳେ ବର୍ତ୍ତମାନ ଗୋଟିଏ ଦିନକୁ ଚାଲିଆସିଲାଣି ବୋଲି ବିଶିଷ୍ଟ ଲେଖକ ତଥା ଭଞ୍ଜ ପ୍ରେମୀ ପ୍ରଶାନ୍ତ ମହାନ୍ତି କହିଛନ୍ତି।


ଭଞ୍ଜ ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

# ବୁଦ୍ଧଖୋଲ ମହୋତ୍ସବ ଉଦ୍‌ଘାଟିତ



ମହୋତ୍ସବରେ ଉପସ୍ଥିତ ଅତିଥି ।

ବୁଗୁଡା,୨୭।୧(ଡି.ଏନ.ଏ.)

ପ୍ରସିଦ୍ଧ ଶୈବପୀଠ ତଥା ପର୍ଯ୍ୟଟନ ସ୍ଥଳୀ ବୁଦ୍ଧଖୋଲ ପାଦଦେଶରେ ବୁଦ୍ଧଖୋଲ ଉନ୍ନୟନ ସମିତି ପକ୍ଷରୁ ଆୟୋଜିତ ବୁଦ୍ଧଖୋଲ ମହୋତ୍ସବର ଶୁଭାରମ୍ଭ ହୋଇଯାଇଛି। ସମିତି ସଭାପତି ତଥା ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ ମହୋତ୍ସବକୁ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଆସ୍କା ବିଧାୟିକା ମଞ୍ଜୁଳା ସ୍ୱାଇଁ, ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ଖଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ଗଞ୍ଜାମ ଜିଲା ପରିଷଦ ଅଧକ୍ଷା ଅଞ୍ଜଳି ସ୍ୱାଇଁ, ଓଡିଶା ଭୁବନେଶ୍ୱର କାଜୁ ନିଗମ ଅଧକ୍ଷ ସୁବାସ ଚନ୍ଦ୍ର ମହାରଣା, ବ୍ରହ୍ମପୁର ମହାନଗର ନିଗମ ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର କେ. ବିବେକ ରେଡ୍ଡୀ, ବୁଗୁଡ଼ା ବ୍ଲକ ଅଧକ୍ଷା କେ.ପ୍ରିୟଦର୍ଶିନୀ ଆଚାରୀ ଓ ଉପାଧକ୍ଷ ମାନସ ରଞ୍ଜନ ପ୍ରଧାନ, ଏନଏସି ଅଧକ୍ଷ ଚିତ୍ରସେନ ପ୍ରଧାନ ଓ ଉପାଧକ୍ଷା ଗୀତାଞ୍ଜଳି ପାଢୀ, ଜିଲା ପରିଷଦ ସଦସ୍ୟା ଚାନ୍ଦିନୀ ନାୟକ, ବିରଞ୍ଚିପୁର ସରପଞ୍ଚ ମନ୍ଦାକିନୀ ସେଠୀ ଓ ସମିତିସଭ୍ୟା ଅଳକା ନନ୍ଦ ଓ ବୁଗୁଡ଼ା ଏନଏସିର ସମସ୍ତ କାଉନସିଲର ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ସାଧାରଣ ସମ୍ପାଦକ ସୁରେଶ ଚନ୍ଦ୍ର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଉଦଘାଟନୀ ସନ୍ଧ୍ୟାରେ ହ୍ୟୁମାନ୍ ସାଗରଙ୍କ ସଙ୍ଗୀତରେ ଝୁମିଥିଲେ ଦର୍ଶକ। ଯାଜପୁରର ଲଉଡ଼ି ନୃତ୍ୟ, ସୋଲଣ୍ଡିର ଦୁଆରୀ ନାଚ, ବାଦୁଆର ଘୁଡୁକି, ପୋଲସରା ନଟରାଜ କଳାକେନ୍ଦ୍ର ଓ କଟକ କଳା ବିକାଶ କେନ୍ଦ୍ରର ଓଡିଶୀ ନୃତ୍ୟ, କରଡାପାଣିର ଶ୍ରୀରାଧାରମଣ ମହିଳା ଲଉଡି ଖେଳ, ବୁଗୁଡ଼ା ବିରଞ୍ଚି ନାରାୟଣ ସ୍କୁଲ ପିଲାଙ୍କ ନୃତ୍ୟ, ବ୍ରହ୍ମପୁର କଳା ପରିଷଦ କଳାକାରଙ୍କ ନୃତ୍ୟ, ଓଡଗାଁ ସରସ୍ୱତୀ ଡ୍ୟାନ୍ସ ଓ ବିଭିନ୍ନ ଲୋକ ନୃତ୍ୟ ପରିବେଷଣ ହୋଇଥିଲା।

**ଗ୍ରାମସଭାରେ ଜିଆରଏସ୍‌ଙ୍କୁ ମାଡ଼**

ଭଞ୍ଜନଗର (ଡି.ଏନ.ଏ)-ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ ତାଲିକାକୁ ଗ୍ରାମସଭାରେ ଅନୁମୋଦନ କରାଇବା ପାଇଁ ଗୁରୁବାର ଭଞ୍ଜନଗର ବ୍ଲକର ପ୍ରତ୍ୟେକ ପଞ୍ଚାୟତରେ ଗ୍ରାମସଭା ହୋଇଥିଲା । ଏହି ତାଲିକାକୁ ନେଇ କେତେକ ପଞ୍ଚାୟତରେ ଭାଜପା ଓ ବିଜେଡି କର୍ମୀ ମୁହାଁମୁହିଁ ହୋଇଥିଲେ । ଏକ ପଞ୍ଚାୟତରେ ତାଲିକାକୁ ନେଇ ଗ୍ରାମ ରୋଜଗାର ସେବକଙ୍କୁ ମାଡ଼ ମରାଯାଇଥିବା ଜଣାପଡ଼ିଛି । ପରେ ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଛନ୍ତି । ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ ।

## ଆଜି କ'ଣ କେଉଁଠି

**ବ୍ରହ୍ମପୁର**

- କଂଗ୍ରେସର ଭାରତ ଯୋଡ଼ୋ ଯାତ୍ରା । ସ୍ଥାନ-ଫାଷ୍ଟଗେଟ, ସମୟ-ସକାଳ ୭ଟା ।
- ଦେଶାତ୍ମବୋଧକ ସାଂସ୍କୃତିକ ସମାରୋହ । ସ୍ଥାନ-ଉତ୍କଳ ଆଶ୍ରମ ମୁକ୍ତ ମଞ୍ଚ, ସମୟ-ସନ୍ଧ୍ୟା ସାଢ଼େ ୬ଟା ।

**ପୋଲସରା**

- ବିଜ୍ଞାନ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ । ସ୍ଥାନ-ପୋଲସରା ବିଜ୍ଞାନ ମହାବିଦ୍ୟାଳୟ, ସମୟ- ପୂର୍ବାହ୍ନ ସାଢ଼େ ୧୦ଟା ।

**କ.ନୂଆଗାଁ**

- ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ । ସ୍ଥାନ-କୁଦୁତୁଲି, ସମୟ-ପୂର୍ବାହ୍ନ ୧୦ଟା ।

## ସଂକ୍ଷେପରେ

### ରେଳ ଲାଇନରୁ ମୃତଦେହ ଜବତ

**ଗଞ୍ଜାମ, ୨୭।୧(ଡି.ଏନ.ଏ.):** ଗଞ୍ଜାମ ରେଳଷ୍ଟେସନ ଓ ଝାଡ଼କୁଦା ରେଳ ଲାଇନ ମଧସ୍ଥଳରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଶୁକ୍ରବାର ଜବତ ହୋଇଛି। ଶରୀରରୁ ମୁଣ୍ଡ ଅଲଗା ହୋଇ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ଗଞ୍ଜାମ ଥାନାକୁ ଅବଗତ କରିଥିଲେ। ମୃତ ବ୍ୟକ୍ତିଙ୍କ ପରିଚୟ ଅସ୍ପଷ୍ଟ ଥିବା ବେଳେ ସେ କୌଣସି ଚଳନ୍ତା ଟ୍ରେନରୁ ଖସି ପଡ଼ିଥିବା କିମ୍ବା କେହି ହତ୍ୟା କରିବା ପରେ ସେଠାରେ ମୃତଦେହକୁ ଫିଙ୍ଗି ଦେଇଥିବା ଚର୍ଚ୍ଚା ହେଉଛି। ଖବର ପାଇ ଗଞ୍ଜାମ ଥାନା ଆଇଆଇସି ସନ୍ତୋଷ କୁମାର ବେହେରା ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଜିଆରପିକୁ ଅବଗତ କରିଥିଲେ।

### ଜାତୀୟ ଯୁବ ସଂସଦ ମହୋତ୍ସବ

**ପାରଳାଖେମୁଣ୍ଡି,୨୭।୧(ଡି.ଏନ୍.ଏ.):** କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନ ଗଜପତି ଜିଲା ନେହେରୁ ଯୁବ କେନ୍ଦ୍ର ତରଫରୁ ଜାତୀୟ ଯୁବ ସଂସଦ ମହୋତ୍ସବ-୨୦୨୩ ଭର୍ଚୁଆଲ ମାଧମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନ୍‌ଲାଇନ ମାଧମରେ ରାଜ୍ୟର ୪ ଜିଲା ଯଥା ଗଞ୍ଜାମ, ରାୟଗଡ଼ା, କୋରାପୁଟ ଏବଂ ମାଲକାନଗିରି ଜିଲାର ବିଭିନ୍ନ ଯୁବଗୋଷ୍ଠୀ, ବୁଦ୍ଧିଜୀବୀଗଣ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ସମ୍ମାନିତ ଅତିଥି ଭାବେ ଏନୱାଇକେର ଆଞ୍ଚଳିକ ନିର୍ଦ୍ଦେଶକ ହନି ସିହ୍ନା, ଗଜପତି ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ରୋମାଞ୍ଚଳ ଖମାରୀ, ପାରଳାଖେମୁଣ୍ଡି ଉପଜିଲାପାଳ ଅଲୋକ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ବିଚାରକ ମଣ୍ଡଳୀ ଭାବେ ଅବସରପ୍ରାପ୍ତ ଇଂଲିଶ ପ୍ରଧାପକ ରଞ୍ଜିତ କୁମାର ପତି, ଜିଲା କର୍ମନିଯୋଜନ ଅଧିକାରୀ ସ୍ମୃତି ରଞ୍ଜନ ତ୍ରିପାଠୀ, ସିୟୁଟିଏମ୍‌ର ସହକାରୀ ଅଧାପକ ଡ. ସୁଶାନ୍ତ କୁମାର ପଟ୍ଟନାୟକ, ଉତ୍କଳ ହିତୈଷିଣୀ ସମାଜର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଅବସରପ୍ରାପ୍ତ ସାଂସ୍କୃତିକ ଅଧିକାରୀ ରାମଚନ୍ଦ୍ର ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୪ ଜିଲାର ଯୁବଗୋଷ୍ଠୀ ମଧରେ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଏଥିରେ ବିଜୟୀ ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରୀୟ ପାର୍ଲାମେଣ୍ଟ ମହୋତ୍ସବରେ ପୁରସ୍କୃତ କରାଯିବ। ପ୍ରଥମ ପୁରସ୍କାର ରାଶି ଭାବେ ୨ଲକ୍ଷ, ଦ୍ୱିତୀୟ ପୁରସ୍କାର ରାଶି ଭାବେ ୧.୫୦ଲକ୍ଷ ଟଙ୍କା ଏବଂ ତୃତୀୟ ପୁରସ୍କାର ରାଶି ଭାବେ ୧ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମକୁ ଗଜପତି ଏବଂ ଗଞ୍ଜାମ ଜିଲା ନେହେରୁ ଯୁବ କେନ୍ଦ୍ରର ଜିଲା ଯୁବ ଅଧିକାରୀ ଯଥାକ୍ରମେ ବିଜୟ କୁମାର ମହାପାତ୍ର ଏବଂ ଅକ୍ଷୟ ନିପାଣି ପରିଚାଳନା କରିଥିଲେ।

### ଧବଳପୁର ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

**ଶେରଗଡ଼, ୨୭।୧(ଡି.ଏନ.ଏ.):** ଶେରଗଡ଼ ବ୍ଲକ ଧବଳପୁର ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ବାର୍ଷିକ ଉତ୍ସବ ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷ କୃଷ୍ଣଚନ୍ଦ୍ର ନାୟକ, ମୁଖ୍ୟବକ୍ତା ଭାବେ ଏବିଡିଓ ମୋହନ ରାଓ, ବିଇଓ ପ୍ରମୋଦ କୁମାର ସେନାପତି, ପ୍ରାଥମିକ ଶିକ୍ଷକ ସଙ୍ଘର ସଭାପତି ପ୍ରଫୁଲ୍ଲ କୁମାର ପଣ୍ଡା, ସିଆରସିସି ଶ୍ରୀକାନ୍ତ ସାହୁ, ଧବଳପୁର ସରପଞ୍ଚ ସ୍ୱର୍ଣ୍ଣମାଳା ପ୍ରଧାନ, ଇ.ଦେବୀ ପ୍ରସାଦ ଦାଶ, ଏଏସଆଇ କୃଷ୍ଣଚନ୍ଦ୍ର ଦାଶ ଯୋଗଦେଇଥିଲେ। ଭଲ ପାଠ ପଢି ଏକ ନମ୍ବର ହୋଇ ବିଦ୍ୟାଳୟରେ ନାଁ ରଖି, ସବୁବେଳେ ଉଚ୍ଚ ଅଭିଳାଷ ରଖି ଆଗକୁ ବଢ଼ିବାକୁ ଚେଷ୍ଟା କର ବୋଲି ପରାମର୍ଶ ଦେଇଥିଲେ। ଖବରଦାତା ସୂର୍ଯ୍ୟ ନାରାୟଣ ଦାଶ, ସୁବ୍ରତ କୁମାର ପଣ୍ଡା, ମେଘନାଦ ଦାସ, ଅଖିଳ କୁମାର ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ସ୍ୱାଧୀନତା ସଂଗ୍ରାମରେ ଗଞ୍ଜାମର ଅବଦାନ ଅତୁଳନୀୟ : କୃଷି ମନ୍ତ୍ରୀ

**ଛତ୍ରପୁର,୨୭।୧(ଡି.ଏନ.ଏ.)**

ଛତ୍ରପୁରସ୍ଥିତ ପୋଲିସ ପ୍ୟାରେଡ୍ ପଡ଼ିଆରେ ଗଞ୍ଜାମ ଜିଲାସ୍ତରୀୟ ୭୪ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଓଡ଼ିଶାର କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥି ରୂପେ ଯୋଗଦେଇ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଗଞ୍ଜାମ ମାଟିର ବୀର ସ୍ୱାଧୀନତା ସଂଗ୍ରାମୀମାନଙ୍କ ସ୍ମୃତିଚାରଣ କରି ସେମାନଙ୍କ ଅସୀମ ସାହସ ଓ ସାଲିସବିହୀନ ସଂଗ୍ରାମକୁ ନମନ କରିଥିଲେ। ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶା ତଥା ଗଞ୍ଜାମର ଅବଦାନ ଅତୁଳନୀୟ ବୋଲି କହିଥିଲେ।



ମନ୍ତ୍ରୀ ପରେଡ଼ରେ ଅଭିବାଦନ ଗ୍ରହଣ କରୁଛନ୍ତି।

ଜିଲାସ୍ତରୀୟ ପରେଡରେ ୩୩ଟି ଦଳ ଅଂଶଗ୍ରହଣ କରିଥଲେ। ଜିଲାର ୬ ଟି ବିଭାଗ ତରଫରୁ ଉନ୍ନୟନମୂଳକ କାର୍ଯ୍ୟର ପ୍ରଦର୍ଶନ ନିମନ୍ତେ ପ୍ରଜ୍ଞାପନ ମେଢ ପ୍ରଦର୍ଶିତ କରାଯାଇଥିଲା । ରିଜର୍ଭ ଇନିସ୍ପେକ୍ଟର ଅଫ ପୋଲିସ ଅମୂଲ୍ୟ ନାୟକ, ସର୍ଜେଣ୍ଟ ଅଫ ପୋଲିସ ବିବେକାନନ୍ଦ ନାୟକ ପରେଡ଼ ପରିଚାଳନା କରିଥିବାବେଳେ ସେକେଣ୍ଡ ଇନ୍ କମାଣ୍ଡାଣ୍ଟ ଭାବେ ସର୍ଜେଣ୍ଟ ସଞ୍ଜୟ କୁମାର ବାରିକ ଦାୟିତ୍ୱ ତୁଲାଇଥିଲେ। ଜିଲା ପରିଷଦ ଅଧକ୍ଷା ଅଞ୍ଜଳୀ ସ୍ୱାଇଁ, ଉପାଧକ୍ଷା ଏସ. ରାଜେଶ୍ୱରୀ ଦୋରା, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଓ ଏସ୍‌ପି ଜଗମୋହନ ମୀନାଙ୍କ ସମେତ ବହୁ ଜିଲାସ୍ତରୀୟ ଅଧିକାରୀ ଏବଂ ପୁଲିସ ଅଧିକାରୀମାନେ ଯୋଗ ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବିନାରାୟଣ ବେହେରା ପରିଚାଳନା ହୋଇଥିଲା ।

# 'ପାରଳା ମହାରାଜା ପ୍ରତି ଓଡ଼ିଆଙ୍କ ପାଇଁ ସ୍ମରଣୀୟ'


ମନ୍ତ୍ରୀ ପୁରସ୍କୃତ କରୁଛନ୍ତି ।

**ପାରଳାଖେମୁଣ୍ଡି, ୨୭।୧ (ଡି.ଏନ୍.ଏ)**

ଗଜପତି ଜିଲାସ୍ତରୀୟ ୭୪ତମ ସାଧାରଣତନ୍ତ୍ର ଦିବସ ଗଜପତିଷ୍ଟାଡ଼ିୟମରେ ପାଳିତ ହୋଇଯାଇଛି। ଅନୁସୂଚିତ ଜାତି ଜନଜାତି ସଂଖ୍ୟାଲଘୁ, ପଛୁଆ ବର୍ଗ ବିକାଶ ଏବଂ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି ରୂପେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଯେଉଁ ଦେଶପ୍ରେମୀ ନିଜର ପ୍ରାଣକୁ ବାଜି ଲଗାଇ ସ୍ୱାଧୀନତା ହାସଲ କରିଥିଲେ ସେହି ଦେଶପ୍ରେମୀଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଆମ ସମ୍ବିଧାନ ବିଶ୍ୱର ସର୍ବ ବୃହତ ସମ୍ବିଧାନ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଅନ୍ୟତମ ବିଶ୍ୱକର୍ମା, ଏହି ମାଟିର ଦରଦୀ ପାରଳା ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ପ୍ରତ୍ୟେକ ଉତ୍କଳୀୟଙ୍କ ପାଇଁ ସ୍ମରଣୀୟ। ରାଜନୀତି ଠାରୁ ଆରମ୍ଭ କରି ସମାଜସେବା, କଳା, ସଙ୍ଗୀତ ଓ ନାଟ୍ୟ ଜଗତର ଅନନ୍ୟ ପ୍ରତିଭାମାନଙ୍କୁ ଜନ୍ମଦେଇ ଏହି ମାଟି ଧନ୍ୟ ହୋଇଛି ବୋଲି କହିଥିଲେ। ଓଡ଼ିଶା ପୂର୍ବ ଭାରତର ନୂତନ ଆଇଟି ହବରେ ପରିଣତ ହେବାକୁ ଯାଉଛି ବୋଲି କହିଥିଲେ।

# ମାନବାଧିକାର ପ୍ରତି ସମ୍ମାନ ଆମ ସମ୍ବିଧାନର ବିଶେଷତ୍ୱ


ମନ୍ତ୍ରୀ ସାହୁ ପରେଡ ଅଭିବାଦନ ଗ୍ରହଣ କରୁଛନ୍ତି ।

**ଫୁଲବାଣୀ ଅଫିସ, ୨୭।୧**

ଭାରତର ସମ୍ବିଧାନ ପୃଥିବୀର ସର୍ବବୃହତ୍। କୋଟି କୋଟି ଭାରତୀୟଙ୍କ ଆଶା, ଆକାଂକ୍ଷା ଓ ସ୍ୱପ୍ନ ପ୍ରତିଫଳିତ ହୋଇଛି ଆମ ସମ୍ବିଧାନରେ। ଭାରତୀୟ ଚିନ୍ତନ, ଦର୍ଶନ, ପରମ୍ପରା, ଐତିହ୍ୟ ଓ ପରିବେଶ ଆଧାରରେ ପ୍ରଣୀତ ହୋଇଛି ଆମ ସମ୍ବିଧାନ। ଜାତୀୟତାର ସ୍ତମ୍ଭ ଉପରେ ଭାରତୀୟ ସମ୍ବିଧାନର ସୌଧ ନିର୍ମାଣ କରାଯାଇଛି। ଆମ ଐକ୍ୟ, ସଂହତି ଓ ଧର୍ମନିରପକ୍ଷ ଚରିତ୍ରକୁ ମଜଭୁତ କରିଛି। ରାଜନୈତିକ ସ୍ୱାଧିନତା, ସାମାଜିକ ନ୍ୟାୟ, ଗଣତାନ୍ତ୍ରିକ ମୂଲ୍ୟବୋଧ, ଧର୍ମ ନିରପେକ୍ଷତା, ବୈଷମ୍ୟମୁକ୍ତ ସମାଜ ପ୍ରତିଷ୍ଠା ଓ ମାନବାଧିକାର ପ୍ରତି ସମ୍ମାନ ପ୍ରଦର୍ଶନ ଆମ ସମ୍ବିଧାନର ବିଶେଷତ୍ୱ ବୋଲି ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ପ୍ରକାଶ କରିଛନ୍ତି। ଫୁଲବାଣୀ ପୋଲିସ ରିଜର୍ଭ ପଡ଼ିଆରେ ଆୟୋଜିତ ଏହି ସମାରୋହରେ ମନ୍ତ୍ରୀ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ମିଳିତ ପରେଡର ଅଭିବାଦନ ଗ୍ରହଣ କରିଥିଲେ। ସ୍ୱାଧୀନତା ଆନ୍ଦୋଳନରେ ଜିଲାର ବୀରପୁତ୍ରମାନେ ନିଜକୁ ସାମିଲ କରି ଏ ମାଟିକୁ ଗୌରାବାନ୍ୱିତ କରିଛନ୍ତି ବୋଲି କହିବା ସହ ଜିଲାବାସୀଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ ବୋଲି ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର ଉପସ୍ଥିତ ଥିଲେ। ରିଜର୍ଭ ପୋଲିସ୍ ଇନ୍ସପେକ୍ଟରଧର୍ମେନ୍ଦ୍ର ପ୍ରଧାନ ଏବଂ ସର୍ଜେଣ୍ଟ ସରେଜ କୁମାର ବେହେରା ପରେଡ ପରିଚାଳନା କରିଥିଲେ।

## କଂଗ୍ରେସ କର୍ମୀଙ୍କ ଭାରତ ଯୋଡ଼ କାର୍ଯ୍ୟକ୍ରମ

**ଆର.ଉଦୟଗିରି,୨୭।୧(ଡି.ଏନ.ଏ.)**

ଆର.ଉଦୟଗିରି ବ୍ଲକ କଂଗ୍ରେସ ତରଫରୁ ଭାରତ ଯୋଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ କଂଗ୍ରେସ ବ୍ଲକ ସଭପତି ଲକ୍ଷ୍ମୀ ପାଇକ ସଭାପତିତ୍ୱ କରିଥିଲେ । ଏହି କାର୍ଯ୍ୟକ୍ରମ ସାରା ଭାରତ ବର୍ଷରେ ଚାଲିଥିବା ବେଳେ ଶୁକ୍ରବାର ଆର.ଉଦୟଗିରି ବ୍ଲକ କଂଗ୍ରେସ ତରଫରୁ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୋହନା ବିଧାୟକ ପ୍ରତିନିଧି ଗୋପାଳ ଦଳେଇ, ନୂଆଗଡ଼ ବ୍ଲକ ସଭାପତି ମିନ ମଣ୍ଡଳ ଓ ରାୟଗଡ଼ା ବ୍ଲକ ସଭାପତି ସୁଆଲ ସିଂ ଏବଂ ଶତାଧିକ କଂଗ୍ରେସ କର୍ମୀ ଜାତୀୟ ପତାକା ଧରି ଦେଶରେ ଦିନକୁ ଦିନ ଅରାଜଗତା, ନାରୀ ଧର୍ଷଣ, ଦ୍ରାରିଦ୍ରତା, ମହଙ୍ଗାଇ ଓ ବେରୋଜଗାର ବଢ଼ି ବଢ଼ି ଚାଲିଥିବା ଏହିପରି ସହ ବିଜେଡି ଓ ଭାଜପା ବିରୋଧରେ ସ୍ଲୋଗାନ ଦେଇ ଗ୍ରାମ ସହ ପ୍ରତି ସାହି ପରିକ୍ରମା କରିଥିଲେ। କଂଗ୍ରେସ କର୍ମୀମାନେ ଗ୍ରାମର ହାଟପଦାରୁ ବାହାରି ଗ୍ରାମ ପରିକ୍ରମା କରିଥିଲେ।

# ଚୋରି ଅଳଙ୍କାର ଜବତ, ୫ ଗିରଫ



**ଗୋପାଳପୁର,୨୭।୧(ଡି.ଏନ.ଏ.)**

ଗତ ମାସରେ ଘରେ ପଶି ଦୁର୍ବୃତ୍ତମାନେ ସୁନା ଅଳଙ୍କାର ଓ ଲକ୍ଷାଧିକ ଟଙ୍କା ଚୋରି କରିବା ଘଟଣାରେ ଗୋଳନ୍ଥରା ପୋଲିସ ଚୋରି ସୁନା କ୍ରେତା ସମେତ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବଡ ବଜାର ଥାନା ଅନ୍ତର୍ଗତ ସୁକୁଣ୍ଡା ଗ୍ରାମର କେ ରାଜେଶ, ପାଟପୁର ଥାନା ଅନ୍ତର୍ଗତ ଡେଙ୍ଗାଳିଆ ଗ୍ରାମ ଜିତୁ ପାତ୍ର, ଭୁବନେଶ୍ୱର ନୀଳାଦ୍ରି ବିହାର ଅଞ୍ଚଳର ସୁଜାନ ପ୍ରଧାନ, ଦିଗପହଣ୍ଡି ଥାନା ଅନ୍ତର୍ଗତ କଇଠଖଣ୍ଡି ଗ୍ରାମର ମିଥୁନ ନାୟକ ଓ କ୍ରେତା ଆସ୍କା ଅଞ୍ଚଳର ଏ ବାବୁ ଆଚାରୀ। ଏମାନଙ୍କ ଠାରୁ ଚୋରି ହୋଇଥିବା ସୁନା ଅଳଙ୍କାର ଜବତ ହୋଇଥିବା ନେଇ ପୋଲିସ ପ୍ରେସ ରିଲିଜରେ ସୂଚନା ଦେଇଛି।

ସୂଚନାନୁସାରେ, ଗୋଳନ୍ଥରା ଗାଁ ତଳସାହିରେ ଡିସେମ୍ବର ୨୨ ରାତିରେ କାଳୁ ପ୍ରଧାନଙ୍କ ଘରେ ବାରି କବାଟ ତାଡି ଘରେ ପଶି ଦୁର୍ବୃତ୍ତମାନେ ନଗଦ ୧୦ଲକ୍ଷ ଟଙ୍କା ସହ ୨୦ତୋଳା ସୁନା ଓ ରୁପା ଅଳଙ୍କାର ଲୁଟି ନେଇଥିବା ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଥାନାଧିକାରୀ ବିବେକାନନ୍ଦ ମହନ୍ତଙ୍କ ନେତୃତ୍ୱରେ ଏକ ଟିମ ଗଠନ ହୋଇଥିଲା। ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରି ପଚରାଉଚରା କରିଥିଲା। କିଛି ଚୋରି ସୁନା ଅଳଙ୍କାର ଆସିକାର ବାବୁ ଆଚାରୀଙ୍କୁ ବିକ୍ରି କରିଥିବା ସହ ଅନ୍ୟ ସୁନା ଅଳଙ୍କାର ତରଳେଇ ବାହାର ରାଜ୍ୟରେ ବିକ୍ରି କରିଥିବା ନେଇ ପୋଲିସ ନିକଟରେ ପ୍ରକାଶ କରିଥିଲେ। ପରେ ପୋଲିସ ବାବୁ ଘରେ ଚଢ଼ାଉ କରି ତାଙ୍କ ଠାରୁ ୧୬୨ ଗ୍ରାମ ସୁନା ଅଳଙ୍କାର ଜବତ କରିଥିଲା।

# ଚିତ୍ତରଞ୍ଜନ ମେମୋରିଆଲ କ୍ରିକେଟ ଟ୍ରଫି ଉଦ୍‌ଘାଟିତ



ଟ୍ରଫି ଉଦ୍‌ଘାଟନ ଉତ୍ସବରେ ମଞ୍ଚାସୀନ ଅତିଥି।

**ଧରାକୋଟ,୨୭।୧(ଡି.ଏନ୍.ଏ.)**

ଚିତ୍ତରଞ୍ଜନ ମେମୋରିଆଲ କ୍ରିକେଟ ଟ୍ରଫି ଧରାକୋଟ ମିନି ଷ୍ଟାଡିୟମ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଜିଲାପରିଷଦ ଅଧକ୍ଷା ଅଞ୍ଜଳି ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବେ ସଙ୍ଗଠକ ରବୀନ୍ଦ୍ର ଘୋଷ ଯୋଗଦେଇଥିବା ବେଳେ ପୂର୍ବତନ ସରପଞ୍ଚ ଦିଲୀପ କୁମାର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାରମ୍ଭିକ ଦିବସରେ ଡେଲିସିୟସ କ୍ରିକେଟ କ୍ଲବ ଚେରମାରିଆ ବନାମ ରାଜବଂଶ କ୍ରିକେଟ କ୍ଲବ ଶେରଗଡ଼ ମଧରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଶେରଗଡ ଦଳ ୨୦ ଓଭର ବିନିମୟରେ ସମସ୍ତ ଉଇକେଟ ହରାଇ ୧୩୫ ରନ ସଂଗ୍ରହ କରିଥିବାବେଳେ ଚେରମାରିଆ ୧୬ଓଭର ଖେଳି ୫ ଉଇକେଟ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ବିଜୟୀ ଦଳର ପୂର୍ଣ ଅପରାଜିତ ୮୭ରନ କରି ଦଳକୁ ବିଜୟୀ କରିଥିବା ଯୋଗୁ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିଲେ। ଆଜିର ମ୍ୟାଚରେ ବ୍ରଜ ପ୍ରଧାନ ଓ ଅନିଲ ପ୍ରଧାନ ଅମ୍ପାୟରିଂ ଦାୟିତ୍ୱ ତୁଲାଇଥିଲେ।ଧରାକୋଟ ଅଞ୍ଚଳର ବିଭିନ୍ନ ପଂଚାୟତର ଜନପ୍ରତିନିଧି ମାନେ ଯୋଗଦେଇଥିଲେ। ଖବରଦାତା ଟୁନା ଆଚାର୍ଯ୍ୟ ସଂଯୋଜନା କରିଥିବାବେଳେ ଶିକ୍ଷକ ପ୍ରଶାନ୍ତ କୁମାର ଡାକୁଆ ଉଦଘୋଷକ ଦାୟିତ୍ୱ ତୁଲାଇ ଥିଲେ। ଅନୁଷ୍ଠାନର ସଭାପତି ସୁନୀଲ କୁମାର ଗୌଡ଼ଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବାପୁନି ସ୍ୱାଇଁ ଓ ଦିଲୀପ ପ୍ରଧାନ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ପିତାତଳି ବୋମାମାଡ଼ ଘଟଣା, ଅଭିଯୁକ୍ତ କୋର୍ଟ ଚାଲାଣ

**ଗୋପାଳପୁର,୨୭।୧(ଡି.ଏନ.ଏ.)**

ଗୋଳନ୍ଥରା ଥାନା ଅଧୀନ ପିତାତଳି ଗ୍ରାମରେ ଗତ ରବିବାର ଦୁଇ ଗୋଷ୍ଠୀ ମଧରେ ବୋମା ଓ ପଥର ମାଡ଼ ହୋଇଥିଲା। ଏହି ମାମଲାରେ ଶୁକ୍ରବାର ଗୋଳନ୍ଥରା ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ପିତାତଳି ଗ୍ରାମର ପି.ଜାନକୀ ରାଓ। ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତମାନେ ଚମ୍ପଟ ମାରିଛନ୍ତି। ଆନ୍ଧ୍ରପ୍ରଦେଶ ଇଚ୍ଛାପୁର ଅଞ୍ଚଳରେ ଜାନକୀ ଥିବାବେଳେ ପୋଲିସ ସେଠାରେ ଶୁକ୍ରବାର ଚଢ଼ାଉ କରି ଧରିଥିଲା। ଅପରାହ୍ନରେ ଜାନକୀଙ୍କୁ ନଂ. ୩୭/୨୩ରେ ହତ୍ୟା ଉଦ୍ୟମ ମାମଲାରେ ପୋଲିସ ଗିରଫ କରିଛି। ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ଥାନାଧିକାରୀ ବିବେକାନନ୍ଦ ମହନ୍ତଙ୍କ ନେତୃତ୍ୱରେ ଏକ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ଉଭୟ ଗୋଷ୍ଠୀର ମୁଖ୍ୟ ରାଙ୍ଗା ରାଓ ଓ ନରସିଂହ ମୂର୍ତ୍ତି ଏବଂ ଦୁଇଟି ମାମଲାର ଅଭିଯୁକ୍ତ ଗିରଫ ହୋଇ ନ ଥିବା ବେଳେ ସେମାନଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ କହିଛନ୍ତି। ସୂଚନାଥାଉକି, ପିତାତଳି ଗ୍ରାମରେ ରାଙ୍ଗାରାଓ ଓ ନରସିଂହ ମୂର୍ତ୍ତି ଗୋଷ୍ଠୀ ମଧରେ ରାଜନୈତିକ ଓ ପୂର୍ବ ଶତ୍ରୁତା ବିବାଦ ଲାଗି ରହିଥିଲା। ପୂର୍ବ ଦୁଇଟି ମାମଲାରେ ପୋଲିସ ୭ ଜଣଙ୍କୁ କୋର୍ଟ ଚାଲାଣ କରିଛି।

# ରାଜ୍ୟପାଳ ମେଡାଲ ପାଇଲେ ଆସିକା ଥାନା ଅଧିକାରୀ



ମେଡାଲ ସହ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଗହଣରେ ଥାନା ଅଧିକାରୀ।

**ଆସିକା,୨୭।୧(ଡି.ଏନ.ଏ.)**

ଦେଶର ଶ୍ରେଷ୍ଠ ଥାନା ଭାବେ ବିବେଚିତ ଆସିକା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ୨୦୨୨ରେ ରାଜ୍ୟପାଳଙ୍କ ମେଡାଲ ହାସଲ କରିଛନ୍ତି। ଗୁରୁବାର ଭୁବନେଶ୍ୱରସ୍ଥିତ ଲୋକସେବା ଭବନ କନଭେନସନ ହଲଠାରେ ଆୟୋଜିତ ଏକ ଉତ୍ସବରେ ରାଜ୍ୟପାଳ ଗଣେଶୀ ଲାଲ ଥାନା ଅଧିକାରୀ ସାହୁଙ୍କୁ ଏହି ମେଡାଲ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ରାଜ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ମୁଖ୍ୟ ସଚିବ, ଗୃହ ବିଭାଗ ସଚିବ ଏବଂ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ପୂର୍ବରୁ ଥାନାଧିକାରୀ ସାହୁ ୨୦୧୧ରେ ଗଞ୍ଜାମ ଜିଲାର ଶ୍ରେଷ୍ଠ ଅଫିସର, ୨୦୧୨ରେ ଡିଜିପି ମେଡେଲ, ୨୦୧୫ରେ ଆନ୍ତ୍ରିକ ସେବା ମେଡେଲ ଓ ୨୦୨୦ରେ ଚିଫ ମିନିଷ୍ଟର ମେଡାଲରେ ସମ୍ମାନିତ ହୋଇଥିଲେ।

# ୭ କିମି ମିନି ମାରାଥନ


ମିନି ମାରାଥନକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

**ଭଞ୍ଜନଗର,୨୭।୧(ଡି.ଏନ.ଏ)**

କଇଣ୍ଡିର ଯୁବକ ସଂଘ ଏବଂ ଅନ୍ୟାନ୍ୟ ଅନୁଷ୍ଠାନର ମିଳିତ ସହଯୋଗରେ ଗୁରୁବାର ୭ କିମି ବ୍ୟାପି ମିନି ମାରାଥନ୍ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରୁ ବାହାରିଥିବା ମିନି ମାରାଥନ୍ ଜିଲୁଣ୍ଡି ହନୁମାନ ମନ୍ଦିରଠାରେ ଉଦ୍‌ଯାପିତ ହୋଇଥିଲା। ଏହାପରେ କୃତୀ ପ୍ରତୀଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଭାଜପା ବିଧାୟକ ପ୍ରାର୍ଥୀ ପ୍ରଦ୍ୟୁମ୍ନ ନାୟକ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଭଞ୍ଜନଗର ଏନ୍‌ଏସି ଅଧକ୍ଷ ଗୋପବନ୍ଧୁ ମହାପାତ୍ର, ଭାଜପା ନେତା ଅଯୋଧ୍ୟାନାଥ ମହାପାତ୍ର, ସନ୍ତୋଷ ପାଲ, ରବୀନ୍ଦ୍ର ଗୌଡ଼ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

# ବୁଗୁଡ଼ା ପଞ୍ଚାୟତ ସମିତି ସାଧାରଣ ବୈଠକ

**ବୁଗୁଡ଼ା,୨୭।୧(ଡି.ଏନ.ଏ.)**

ବୁଗୁଡ଼ା ପଞ୍ଚାୟତ ସମିତିର ସାଧାରଣ ବୈଠକ ଶୁକ୍ରବାର ପଞ୍ଚାୟତ ସମିତି ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା କେ. ପ୍ରିୟଦର୍ଶିନୀ ଆଚାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ ଯୋଗଦେଇ ସ୍ୱଜଳ ଧାରା ଯୋଜନାରେ ଅଧିକରୁ ଅଧିକ ହିତାଧିକାରୀ ସୃଷ୍ଟି କରିବା ସହ ପ୍ରକୃତ ଗରିବଙ୍କୁ ଆବାସ ଯୋଜନାରେ ସାମିଲ କରିବା ଓ ଗ୍ରୀଷ୍ମ ଋତୁ ପୂର୍ବରୁ ସବୁ ଅଞ୍ଚଳକୁ ପାନୀୟ ଜଳ ଯୋଗାଣ ପାଇଁ ପରାମର୍ଶ ଦେଇଥିଲେ। ବ୍ଲକ ଉପାଧକ୍ଷ ମାନସ ରଞ୍ଜନ ପ୍ରଧାନ, ତହସିଲଦାର ସଂଗ୍ରାମ କେଶରୀ ଜେନା, ବ୍ଲକ ଏଇଇ ସସ୍ମିତା କୁମାରୀ କର,



ପଞ୍ଚାୟତ ସମିତି ବୈଠକରେ ଉପସ୍ଥିତ ପଦାଧିକାରୀ।

ସାଂସଦ ପ୍ରତିନିଧି କବିରାଜ ଗୌଡ଼, ବିଇଓ କବିବର ପ୍ରଧାନ, ଆର୍‌ଡବ୍ଲୁଏସ୍‌ଏସ୍ ସହ ନିର୍ବାହୀ ଯନ୍ତ୍ରୀ ତୁଷାର କୁମାର ସାହୁଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ। ୫-ଟି ଯୋଜନାରେ ନିର୍ମାଣ ହୋଇଥିବା ସ୍ମାର୍ଟ ସ୍କୁଲ କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଥିବା, ଏ. କରଡ଼ାବାଡ଼ି, ଗୋଳାବନ୍ଧ, ପୋଚାଲୁଣ୍ଡି, ମୋଟାବାଡ଼ି ପଞ୍ଚାୟତରେ ଥିବା ବିଭିନ୍ନ ସ୍କୁଲରେ ଆବଶ୍ୟକ ଶ୍ରେଣୀ ଗୃହ ନଥିବାରୁ ଗୃହ ନିର୍ମାଣ ପାଇଁ ଦାବି ହୋଇଥିଲା। ଟାକରଡା ସରପଞ୍ଚ ଦିଲ୍ଲୀପ କୁମାର ପ୍ରଧାନ ଏମଏନଆରଇଜିଏସରେ ଶ୍ରମିକମାନଙ୍କ ଖାତାକୁ ୩୦ଟଙ୍କା, ୫୦ ଟଙ୍କା ଏପରି ପଠାଯାଇଥିବା ବ୍ୟବସ୍ଥାକୁ ତୀବ୍ର ନାପସନ୍ଦ କରିଥିଲେ। ଏ. କରଡ଼ାବାଡ଼ି ସରପଞ୍ଚ ରିଙ୍କି ଦାଶ ମେଡିକାଲରେ ଡାକ୍ତର ନଥିବା ଓ ଚାଷ ଜମିକୁ ଉଠା ଜଳ ସେଚନ ବ୍ୟବସ୍ଥା ନଥିବା ପ୍ରସଙ୍ଗ ଉଠାଇଥିବା ବେଳେ ଭଗବାନପୁର ସରପଞ୍ଚ ଆବାସ ଯୋଜନାରୁ ୨ଟି ଗ୍ରାମ ବାଦ ପଡ଼ିଥିବା କହିଥିଲେ। ବୈଠକରେ ବନ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ମୃତିକା ସଂରକ୍ଷଣ, ଉଦ୍ୟାନ ବିଭାଗ ଓ ସମନ୍ୱିତ ଶିଶୁ ବିଭାଗର କୌଣସି ଅଧିକାରୀ କିମ୍ବା କର୍ମଚାରୀ ଯୋଗ ଦେଇନଥିବାରୁ କ୍ଷୋଭ ପ୍ରକାଶ କରାଯିବା ସହ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ପଠାଇବା ପାଇଁ ନିଷ୍ପତି ହୋଇଥିଲା। ବିଡ଼ିଓ ବାସୁଦେବ ନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଜିପିଇଓ ମନୋଜ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

